# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**12 May – 2025**

**********************************

## ମୁଖ୍ୟ ସମ୍ବାଦ

- ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଓ ଅପରେସନ୍ ସିନ୍ଦୂର ପରିପ୍ରେକ୍ଷୀରେ ଆଜି ରାତି ୮ଟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ

- ଭାରତର ଲଢ଼େଇ ପାକିସ୍ତାନ ସେନା ସହ ନୁହେଁ ବରଂ ଆତଙ୍କବାଦୀ ଓ ସେମାନଙ୍କୁ ସମର୍ଥନ ଯୋଗାଉଥିବା ତତ୍ତ୍ୱଙ୍କ ବିରୁଦ୍ଧରେ; କହିଲେ ଏୟାର ମାର୍ଶଲ ଏ.କେ.ଭାରତୀ

- ରାଜ୍ୟବ୍ୟାପୀ ଅଲ୍‌ଚିକି ଲିପିର ୧୦୦ ବର୍ଷ ପୂର୍ତ୍ତି ସମାରୋହ  ଆସନ୍ତା ବର୍ଷେ ପର୍ଯ୍ୟନ୍ତ ପାଳନ କରାଯିବ; ସୂଚନା ଦେଲେ ମୁଖ୍ୟମନ୍ତ୍ରୀ

ଏବଂ

- ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆସନ୍ତାକାଲି ଆଣ୍ଡାମାନ ସ୍ପର୍ଶ କରିବା ନେଇ ପାଣିପାଗ ବିଭାଗର ଅନୁମାନ

*Desk*

## ପ୍ରଧାନମନ୍ତ୍ରୀ- ଉଚ୍ଚସ୍ତରୀୟ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାତି ୮ଟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ। ଭାରତ–ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଏବଂ ଅପରେସନ୍ ସିନ୍ଦୂର ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭାରତ ଓ ପାକିସ୍ତାନର ସୀମାନ୍ତରେ ଶାନ୍ତି ବଜାୟ ରଖିବା ନେଇ ଆଲୋଚନା କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ, ଜାତୀୟ ସୁରକ୍ଷା ପରାମର୍ଶଦାତା, ସିଡିଏସ୍ ଏବଂ ତିନିସେନାର ମୁଖ୍ୟ ବୈଠକରେ ଉପସ୍ଥିତ ଥିଲେ।

*Desk*

## ଡିଜିଏମ୍ଓ ଆଲୋଚନା

ଭାରତ–ପାକିସ୍ତାନ ସାମରିକ ଅଭିଯାନ ମହାନିର୍ଦ୍ଦେଶକଙ୍କ ଡିଜିଏମ୍ଓଙ୍କ ମଧ୍ୟରେ ଅସ୍ତ୍ରବିରତି ବୁଝାମଣା ଏବଂ ପରବର୍ତ୍ତୀ ସ୍ଥିତି ନେଇ ଆଜି ଆଲୋଚନା ହୋଇଛି। ଅସ୍ତ୍ରବିରତି ସହମତି ପରେ ଦୁଇ ଦେଶ ମଧ୍ୟରେ ପ୍ରଥମଥର କରି ଆଲୋଚନା ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

*Desk*

# ଡିଜିଏମ୍‌ଓ ସମ୍ମିଳନୀ

ଭାରତର ଲଢ଼େଇ ପାକିସ୍ତାନ ସେନା ବିରୁଦ୍ଧରେ ନୁହେଁ ବରଂ ଆତଙ୍କବାଦୀ ଏବଂ ସେମାନଙ୍କୁ ସମର୍ଥନ ଯୋଗାଉଥିବା ତତ୍ତ୍ୱଙ୍କ ବିରୁଦ୍ଧରେ ବୋଲି ଭାରତୀୟ ବାୟୁସେନା ଅପରେସନ୍ ମହାନିର୍ଦ୍ଦେଶକ ଏୟାର ମାର୍ଶଲ ଏ.କେ.ଭାରତୀ କହିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଏବଂ ପରବର୍ତ୍ତୀ ସ୍ଥିତିକୁ ନେଇ ଆଜି ତିନିସେନାର ଡିଜିଏମ୍‌ଓ'ଙ୍କ ସାମ୍ବାଦିକ ସମ୍ମିଳନୀରେ ଏୟାର ମାର୍ଶଲ କହିଛନ୍ତି, ପାକିସ୍ତାନ ପକ୍ଷରୁ ନିୟୋଜିତ ଅନେକ ଡ୍ରୋନ୍ ଏବଂ ମାନବବିହୀନ ଯୁଦ୍ଧ ବିମାନ ଗୁଡ଼ିକୁ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଯୁଦ୍ଧାସ୍ତ୍ର ଦ୍ୱାରା ପ୍ରତିହତ କରାଯାଇଥିଲା। ଆମ ଦେଶର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଶତ୍ରୁପକ୍ଷର ଡ୍ରୋନ୍, ଲଢୁଆ ବିମାନ ଓ କ୍ଷେପଣାସ୍ତ୍ରକୁ ବିଫଳ କରିଥିଲା। ଏହାର ପରିଣାମ ସ୍ୱରୂପ ଭାରତୀୟ ପକ୍ଷର ବିଶେଷ କ୍ଷତି ହୋଇନାହିଁ।

ଏହି ଅବସରରେ ଡିଜିଏମ୍‌ଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ କହିଛନ୍ତି, ଭାରତର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ପାକିସ୍ତାନ ଭେଦ କରିପାରିବ ନାହିଁ। ଭାରତୀୟ ସେନା ନିକଟରେ ଚତୁଃସ୍ତରୀୟ ସୁରକ୍ଷା କବଚ ରହିଥିବାରୁ ପାକିସ୍ତାନର ସେନା କୌଣସି କ୍ଷତି ପହଁଞ୍ଚାଇପାରିବ ନାହିଁ।

**- V/O - Rajeev Ghai**

ନୌସେନା ମହାନିର୍ଦ୍ଦେଶକ ଭାଇସ୍ ଆଡମିରାଲ ଏ.ଏନ୍ ପ୍ରମୋଦ କହିଛନ୍ତି, ନୌସେନାର ବିମାନ ବାହକ, ଯୁଦ୍ଧ ଜାହାଜ ଏବଂ ଶକ୍ତିଶାଳୀ ହେଲିକପ୍ଟରଗୁଡ଼ିକ ପାକିସ୍ତାନର ବିମାନଗୁଡ଼ିକୁ ରୋକିବାରେ ସଫଳ ହୋଇଛନ୍ତି। ଭାରତୀୟ ନୌସେନା ସମୁଦ୍ରରେ କୌଣସି ବିପଦର ସୂଚନା ପାଇ ସତର୍କତାର ସହ ନିଷ୍କ୍ରିୟ କରିବାରେ ବିଶ୍ୱସନୀୟତା ବଜାୟ ରଖିଛି ବୋଲି ଭାଇସ୍ ଆଡମିରାଲ ଏ.ଏନ୍. ପ୍ରମୋଦ କହିଛନ୍ତି।

***CTC***

## ବିଚାରପତିଙ୍କ ଶପଥ ଗ୍ରହଣ

ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଭାବେ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଆଜି ଶପଥ ଗ୍ରହଣ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଉଚ୍ଚନ୍ୟାୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଜଷ୍ଟିସ ଡି.କେ ଶ୍ରୀପଦଙ୍କୁ ମିଶାଇ ଉଚ୍ଚନ୍ୟାୟାଳୟରେ ବିଚାରପତିଙ୍କ ସଂଖ୍ୟା ୧୯ରେ ପହଁଞ୍ଚିଛି।

***BBSR/R***

# ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ

ରାଜ୍ୟ ସରକାର ସାନ୍ତାଳୀ ଭାଷାର ପ୍ରଚାର ଓ ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କ୍ରମରେ ଅଲ୍‌ଚିକି ଲିପିର ୧୦୦ ବର୍ଷ ପୂରଣ ସମାରୋହ, ରାଜ୍ୟବ୍ୟାପୀ ଆସନ୍ତା ୧ ବର୍ଷ ପର୍ଯ୍ୟନ୍ତ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସାନ୍ତାଳୀ ଭାଷା ଅଲ୍‌ଚିକି ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜନ୍ମବାର୍ଷିକୀ ଅବସରରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅନ୍ତର୍ଗତ ମହୁଲଡିହାଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦାଣ୍ଡବୋସ ଅଞ୍ଚଳରେ ଥିବା ପଣ୍ଡିତ ମୁର୍ମୁଙ୍କ ବାସଭବନକୁ ସ୍ମାରକୀ ତୀର୍ଥସ୍ଥଳୀ ଓ ସମାଧି ପୀଠକୁ ଐତିହ୍ୟ ସ୍ମୃତି ପୀଠଭାବେ ପରିଣତ କରାଯିବ। ସେହିଭଳି ଅଲ୍‌ଚିକି ପାଠାଗାର, ମୁକ୍ତାକାଶ, ରଙ୍ଗମଞ୍ଚ ଏବଂ ସଂଗ୍ରହାଳୟ ତଥା ଐତିହ୍ୟ ଭବନ ପ୍ରତିଷ୍ଠା କରାଯିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ୫୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଅବସରରେ ଆଜି ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ବିଧାନସଭାରେ ପଣ୍ଡିତ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

***Boudh/Sonepur***

## ଭୀମଭୋଇ ଜୟନ୍ତୀ

ସନ୍ଥକବି ଭୀମଭୋଇଙ୍କର ଜୟନ୍ତୀ ଆଜି ରାଜ୍ୟବ୍ୟାପୀ ପାଳନ କରାଯାଉଛି। ସୁବର୍ଣ୍ଣପୁର ଜିଲ୍ଲା ତାଙ୍କ ଜନ୍ମସ୍ଥଳୀ ଜଟେସିଂହା ସମେତ ଖଲିଆପାଲି ସମାଧିପୀଠରେ ଶୂନ୍ୟ ସ୍ୱରୂପ ଏବଂ ଭୀମଭୋଇ ସ୍ମୃତି ସଂସଦ ପକ୍ଷରୁ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ କବିଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି।

ସେହିଭଳି ବୌଦ୍ଧ ଜିଲ୍ଲାସ୍ଥିତ ଭୀମଭୋଇଙ୍କ ଜ୍ଞାନପୀଠ ମହୁଲମୁଳ ବଲାସିଂଗା ମହିମା ଆଶ୍ରମଠାରେ ମହିମା ବିକାଶ ପରିଷଦ ପକ୍ଷରୁ ସନ୍ଥକବିଙ୍କ ଜୟନ୍ତୀ ପାଳିତ ହୋଇଛି।

*Jajpur*

## ମୁଖ୍ୟ ଶାସନ ସଚିବଙ୍କ ଯାଜପୁର ଗସ୍ତ

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯାଜପୁର ଗସ୍ତରେ ଯାଇ ନଗଡ଼ାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ସମୟରେ ଶ୍ରୀ ଆହୁଜା ଲୋକଙ୍କ ଅଭିଯୋଗ ଶୁଣିବା ସହ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ମୁଖ୍ୟ ଶାସନ ସଚିବ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟ ଓ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

*Nabarangpur*

## ଇକୋ ପାର୍କ ଶିଳାନ୍ୟାସ

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ ରାଇଘର ବ୍ଲକର ସର୍ଗୁଲିଠାରେ ଏକ ଇକୋ ପାର୍କ ନିର୍ମାଣ, ସର୍ଗୁଲି ଡିଏମ୍‌କେ ଗ୍ରାମଠାରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣର ଶିଳାନ୍ୟାସ କରିଛନ୍ତି।

***BBSR/R***

## ଧନ୍ୟବାଦ ମୁଖ୍ୟମନ୍ତ୍ରୀ

ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଆସନ୍ତାକାଲିଠାରୁ ରାଜ୍ୟର ୧୦ ପ୍ରମୁଖ ସ୍ଥାନରେ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ' କାର୍ଯ୍ୟକ୍ରମ ଆୟୋଜନ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଖାଦ୍ୟ

ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସହ ଦଳର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି।

***Jajpur/Desk***

## ବୁଦ୍ଧ ଜୟନ୍ତୀ

ସତ୍ୟ ଏବଂ ଅହିଂସାର ପଥ ପ୍ରଦର୍ଶକ ଭଗବାନ ବୁଦ୍ଧଙ୍କର ଜୟନ୍ତୀ ଆଜି ସାରା ବିଶ୍ୱରେ ପାଳନ କରାଯାଉଛି । ଭଗବାନ ବୁଦ୍ଧ ଆଜିର ଦିନରେ ବୌଦ୍ଧ-ଗୟାଠାରେ ମହାବୌଧି ଗଛ ମୂଳରେ ନିର୍ବାଣ ପ୍ରାପ୍ତ କରିଥିଲେ ।

ଯାଜପୁର ଜିଲ୍ଲାର ପ୍ରସିଦ୍ଧ ବୌଦ୍ଧ ବିହାର ଉଦୟଗିରିଠାରେ ବୁଦ୍ଧ ପୂର୍ଣ୍ଣିମା ପାଳିତ ହୋଇଛି। ଉଦୟଗିରି ସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ତଥା ଆନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ଏକ ଶାନ୍ତି ଶୋଭାଯାତ୍ରା ବାହାରିଥିଲା। ଶିକ୍ଷାଶ୍ରମର ଛାତ୍ରଛାତ୍ରୀମାନେ ପ୍ଲା' କାର୍ଡ ଧରି ଶାନ୍ତି ଶୋଭାଯାତ୍ରାରେ ବାହାରି ଉଦୟଗିରିଠାରେ ପହଁଞ୍ଚିଥିଲେ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ବୁଦ୍ଧଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ବୁଦ୍ଧ ଜୟନ୍ତୀ ପାଳନ ହେଉଥିବା ଖବର ଆମର ହସ୍ତଗତ ହୋଇଛି।

*Baraga/Boudh*

# ନର୍ସ ଦିବସ

ରୋଗୀସେବା ଲାଗି ନର୍ସମାନଙ୍କର କଠିନ ପରିଶ୍ରମ, ସମର୍ପଣ ଭାବକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ସମଗ୍ର ବିଶ୍ୱରେ ଆନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଉଛି । ଆଧୁନିକ  ନର୍ସିଂ ସେବା ଆରମ୍ଭ କରିଥିବା ଫ୍ଲୋରେନ୍ସ ନାଇଟିଇଙ୍ଗଲଙ୍କ ଜନ୍ମଦିନକୁ ସ୍ମରଣ କରିବା ପାଇଁ ୧୯୬୫ ମସିହାରୁ ଆଜିର ଦିନକୁ ନର୍ସ ଦିବସ ବା ସେବିକା ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷର ସେବିକା ଦିବସର ବାର୍ତ୍ତା ରହିଛି 'ସେବିକାମାନେ ଆମର ଭବିଷ୍ୟତ ଏବଂ ସେବିକା ମାନଙ୍କ ପାଇଁ ଯତ୍ନବାନ୍ ହେବା ଦ୍ୱାରା ଆର୍ଥିକ ସ୍ଥିତି ସୁଦୃଢ଼ ହେବ' । ନର୍ସମାନଙ୍କର ଅଧିକାର ଓ ସଂଘର୍ଷ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ବରଗଡ଼ଠାରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନର୍ସ ଦିବସ ପାଳିତ ହୋଇଛି। ଏଥିରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ନର୍ସମାନଙ୍କ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ସେମାନଙ୍କ ଉପଯୁକ୍ତ ନିରାପତ୍ତା, ସମ୍ମାନ ଓ ସାମାଜିକ ମୂଲ୍ୟବୋଧ ପ୍ରଦାନ କରିବା ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ।

ବୌଦ୍ଧ ସେବିକା ପ୍ରଶିକ୍ଷଣ କେନ୍ଦ୍ରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ସିଡିଏମ୍‌ଓ ଡକ୍ଟର ମଦନ ମୋହନ ପ୍ରଧାନ ନର୍ସ ମାନଙ୍କୁ ନିଜେ ସୁସ୍ଥ ରହିବା ସହ ନିଃସ୍ୱାର୍ଥପରଠାରେ ରୋଗୀଙ୍କ ସେବା କରିବା ପାଇଁ ପରାମର୍ଶ ଦେଇଥିଲେ ।

***Desk***

## ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆସନ୍ତାକାଲି ଆଣ୍ଡାମାନ ସ୍ପର୍ଶ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ବିଭାଗ ପକ୍ଷରୁ କୁହାଯାଇଛି, ମୌସୁମୀ ବାୟୁ ଅଗ୍ରସର ପାଇଁ ପାଣିପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଣ୍ଡାମାନ ସାଗର ଓ ଦକ୍ଷିଣ ବଙ୍ଗୋପସାଗରକୁ ମୌସୁମୀ ଛୁଇଁବାର ସମ୍ଭାବନା ରହିଛି ।

ଅପରପକ୍ଷରେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇଛି । ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ଲହରୀ ବୃଦ୍ଧି ପାଇବା ନେଇ ଆସନ୍ତା ପାଞ୍ଚଦିନ ପର୍ଯ୍ୟନ୍ତ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

***********************************